

ମହୁମାଛି ଅନେକ ପରିଶ୍ରମ କରି ମହୁ ସଂଗ୍ରହ କରେ। କିନ୍ତୁ ଲୋକେ ଆସି ଫେଣାଭାଙ୍ଗି ମହୁ ନେଇଯାଆନ୍ତି। ଭୋଗ ନ କରି ବା ଦାନ ନ ଦେଇ ବହୁ କଷ୍ଟରେ ଧନ ସଞ୍ଚୟ କଲେ ଠିକ୍ ଏହିପରି ଅବସ୍ଥା ଘଟେ। - ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ, ଶିକ୍ଷକ ଅଟକ

ବୈପାରୀଗୁଡ଼ା,୧।୩(ଡି.ଏନ୍.ଏ.): ବୈପାରୀଗୁଡ଼ା ଥାନା କାଠପଡା ପଞ୍ଚାୟତ ଅନ୍ତର୍ଗତ ଚିକଟଯୋଡ଼ି ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଅଟକ ରହିଛନ୍ତି। କିଛି ଦିନ ତଳେ ଶିକ୍ଷକ ନିରଞ୍ଜନ ପାତ୍ର ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବା ନେଇ ଅଭିଯୋଗ ହେବାପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଗାଁରେ ବୈଠକ ବସି ମାମଲାରେ ରଫାଦଫା କରାଯାଇଥିବା ବେଳେ ମାମଲା ଥାନାକୁ ଆସି ନଥିଲା। କିନ୍ତୁ ପରେ ଘଟଣା ପ୍ରଘଟ ହେବା ପରେ ଶୁକ୍ରବାର ଶିକ୍ଷା ବିଭାଗ ଓ ପୋଲିସ ପୃଥକ୍ ଭାବେ ତଦନ୍ତ କରିଥିଲେ। ଥାନା ଅଧିକାରୀ ରମେଶ ଦେବତା, ଜିଲା ସହକାରୀ ଶିକ୍ଷାଧିକାରୀ କାର୍ତ୍ତିକ ପ୍ରଧାନ, ବ୍ଲକ ଶିକ୍ଷାଧିକାରୀ ସୁଧୀର ଚନ୍ଦ୍ର ରଥ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଉକ୍ତ ଗ୍ରାମକୁ ଯାଇ ଘଟଣାର ତଦନ୍ତ କରି ଫେରିଥିଲେ। ସନ୍ଧ୍ୟାରେ ଅଭିଯୁକ୍ତ ଶିକ୍ଷକଙ୍କୁ ଥାନାରେ ଅଟକ ରଖାଯାଇଛି । ଏଏସ୍‌ପି ୟୁ.ଆର୍. ଦାସ, ଜୟପୁର ଏସ୍‌ଡିପିଓ ସାଗରିକା ନାଥ ଓ କୋରାପୁଟ ଏସ୍‌ଡିପିଓ ମାମଲାର ଅଧିକ ତଦନ୍ତ କରୁଛନ୍ତି। ଦୋଷୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିପିଓ ସାଗରିକା ନାଥ କହିଛନ୍ତି।

### ବାଇକ୍ ଚୋରି ଅଭିଯୋଗ

ଜୟପୁର,୧।୩(ଡି.ଏନ୍.ଏ.): ଜୟପୁର ଦୈନିକ ବଜାର ପଛପାଖ ଚାଉଲଟି୍ର ରୋଡରେ ଗତ ଗୁରୁବାର ସନ୍ଧ୍ୟା ୭ଟାରେ ବାଇକ୍ ତାଲା ଭାଙ୍ଗି ଚୋରି ହୋଇଥିଲା। ଏନେଇ ଟାଉନଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି । ସ୍ଥାନୀୟ ସାନତେଲି ସାହିର ବାଲାଜୀ ପାତ୍ର ଦୈନିକ ବଜାର ଚାଉଲଟି୍ର ରାସ୍ତା ପାର୍ଶ୍ୱରେ ନିଜ ବାଇକ (ଓଆର୍ ୧୦ଏ ୩୩୯୦) ପାର୍କିଂ କରିବା ସହ ବଜାର ଭିତରକୁ ସାମଗ୍ରୀ କିଣିବାକୁ ଯାଇଥିଲେ । କିନ୍ତୁ ଫେରିବା ପରେ ପାର୍କିଂ ଜାଗାରେ ବାଇକ୍ ନ ଥିଲା। ବହୁ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନ ମିଳିବାରୁ ଥାନାରେ ସେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

### ନୂତନ ଥାନାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଦାମନଯୋଡ଼ି,୧।୩(ସ୍ୱ.ପ୍ର.): ଦାମନଯୋଡ଼ି ଆଦର୍ଶ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଗୌରହରି ସାହୁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ୨୦୦୫ରୁ ସେ ପୋଲିସ ବିଭାଗରେ କାର୍ଯ୍ୟ କରିଆସୁଛନ୍ତି। ଏଠାକୁ ଆସିବା ପୂର୍ବରୁ ସେ ରାୟଗଡ଼ା ଜିଲା ଟିକିରି ନିକଟସ୍ଥ ଦୋରାଗୁଡ଼ା ଥାନାର ଆଇଆଇସି ଭାବେ କାର୍ଯ୍ୟ କରୁଥିଲେ। ଦାମନଯୋଡ଼ିରେ କାର୍ଯ୍ୟଭାର ନେବା ପରେ ସେ ସ୍ଥାନୀୟ ଅଞ୍ଚଳର ଆଇନଶୃଙ୍ଖଳା ରକ୍ଷା କରିବା ସହ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ପଦକ୍ଷେପ ନେବେ ବୋଲି କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦାମନଯୋଡ଼ି ଥାନା ଅଧିକାରୀ ସହଦେବ ମହାପାତ୍ରଙ୍କ ବଦଳି ପରେ ଗୌରହରି ସାହୁ ଦାୟିତ୍ୱ ନେଇଛନ୍ତି।

# ୨ ଚାଉଳ ମିଲ୍‌ରେ ଚଢ଼ାଉ

## ଅନିୟମିତତା ତଦାରଖ କଲା ଭିଜିଲାନ୍ସର ୨ ଟିମ୍

ଜୟପୁର,୧।୩(ଡି.ଏନ୍.ଏ.)

କୋରାପୁଟ ଜିଲାର ମିଲ୍‌ଗୁଡ଼ିକରେ ଅନିୟମିତ ଭାବେ ଧାନକିଣା ଓ ବିଭିନ୍ନ ଚାଷୀଙ୍କ ନାମରେ କାର୍ଡ କରିବା ସହ ଚାଷ ହେଉ ନଥିବା ଜମିର ନାମ ପଞ୍ଜିକୃତ କରାଯାଇ ଧାନ ବିକ୍ରି ଏବଂ ସରକାରୀ ଚାଉଳ ପ୍ରଦାନରେ ବିଳମ୍ବ ଭଳି ଅଭିଯୋଗ ହୋଇଥିଲା। ଏହି କ୍ରମରେ ଶୁକ୍ରବାର ଜିଲାର ଦୁଇଟି ଚାଉଳ ମିଲ ଉପରେ ଭିଜିଲାନ୍ସ ଚଢ଼ାଉ କରିଛି।

ଭିଜିଲାନ୍ସ ଏସ୍‌ପି ହରେକୃଷ୍ଣ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ୪ଜଣ ଏସ୍‌ପିଙ୍କ ନେତୃତ୍ୱରେ ଦୁଇଟି ଦଳ ଜୟପୁର ବ୍ଲକ ତଥା ବୋରିଗୁମ୍ମା ଥାନାର ପେରାହାଣ୍ଡି ସ୍ଥିତ ଏସ୍‌ଭିଏଲ୍‌ଏନ୍ ରାଇସ ମିଲ ଏବଂ କୁନ୍ଦୁରା ବ୍ଲକ ଦିଗାପୁର ଗ୍ରାମର ବିନାୟକ ରାଇସ ମିଲ ଉପରେ ଚଢ଼ାଉ କରିଥିଲେ। ସରକାରୀ ଧାନ ଏବଂ ଚାଉଳର ଷ୍ଟକ ଯାଞ୍ଚ କରାଯିବା ସହିତ ଏହାଠାରୁ ଅଧିକ ଧାନ ରହିଛି କି ନାହିଁ, ତାହା ମଧ୍ୟ ତଦାରଖ କରାଯାଉଛି। ସେହିପରି ବିଭିନ୍ନ ମିଥ୍ୟା ଚାଷୀଙ୍କ ନାମରେ ନାମକୁ ମାତ୍ର ପଞ୍ଜିକରଣ କରାଯାଇ ମଣ୍ଡିରେ ଧାନ ବିକ୍ରି କରାଯାଉଥିବା, କେତେକ ମିଲ ନିକଟରେ ବେଆଇନ ଭାବେ ଏକାଧିକ ଚାଷୀ କାର୍ଡ ଓ ବ୍ୟାଙ୍କ ପାସବୁକ ଥିବା ଘଟଣାର ମଧ୍ୟ ଛାନ୍‌ଭିନ୍ ଚାଲିଛି। ଏହି ଦୁଇଦଳ ମିଲ୍ ମାଲିକଙ୍କ ବ୍ୟାବସାୟିକ ସ୍ଥାନ ଓ ଆବଶ୍ୟକ ସ୍ଥଳେ ଗୃହଗୁଡ଼ିକର ଯାଞ୍ଚ କରିବ। ଅନ୍ୟପକ୍ଷରେ ଯୋଗାଣ ବିଭାଗ ଅଧିକାରୀଙ୍କୁ ମଧ୍ୟ ଯାଞ୍ଚ ଚାଲିଥିବା ମିଲ୍‌କୁ ଡକାଯାଇ ସେମାନଙ୍କଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଇଥିଲା। ଗୋଟିଏ ଦଳରେ ଡିଏସ୍‌ପି ସୁଶାନ୍ତ ବିଶ୍ୱାଳ ଓ ପି.କେ. ବାଗ ନେତୃତ୍ୱ ନେଇଥିବା ବେଳେ ଅନ୍ୟ ଦଳରେ ଡିଏସ୍‌ପି ସତ୍ୟବାନ ମହାନନ୍ଦ ଓ କିଶୋର ପାତ୍ର ରହିଥିଲେ। ଟିମ୍‌ରେ ଏମାନଙ୍କ ବ୍ୟତୀତ ୮ ଜଣ ଇନ୍ସପେକ୍ଟରଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ। ଏନେଇ ଭିଜିଲାନ୍ସ ଏସ୍‌ପି ବେହେରା କହିଛନ୍ତି ଯେ, ଅଭିଯୋଗ କ୍ରମେ ଜିଲାର ୨ ମିଲ୍ ଉପରେ ଚଢ଼ାଉ ପରେ ଯାଞ୍ଚ କରାଯାଇଥିଲା । ଆଗାମୀ ଦିନରେ ଅନ୍ୟ ମିଲ୍ ଉପରେ ମଧ୍ୟ ଯାଞ୍ଚ ହେବ।

# ୮ରେ ଜୟପୁର ଆସିବେ ରାହୁଲ ଗାନ୍ଧୀ

ଜୟପୁର,୧।୩(ନି.ପ୍ର./ଡି.ଏନ୍.ଏ.)

ଆସନ୍ତା ୮ରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କୋରାପୁଟ ଗସ୍ତରେ ଆସୁଛନ୍ତି। ଏନେଇ ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନରେ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ହୋଇଛି। ଏଥିରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି, ପଟ୍ଟାଙ୍ଗି ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ଉପସ୍ଥିତ ଥିଲେ।

ବୈଠକରେ ବାହିନୀପତି କହିଥିଲେ ଯେ, ୮ ତାରିଖ ପୂର୍ବାହ୍ନ ୧୧ଟା ୧୫ରେ ସ୍ୱତନ୍ତ୍ର ବିମାନ ଯୋଗେ ଜୟପୁରରେ ପହଞ୍ଚିବେ ରାହୁଲ ଗାନ୍ଧି। ସେଠାରେ ପ୍ରଥମେ ମହିଳାଙ୍କ ସହ ଆଲୋଚନା ପରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଏଥିରେ ଅବିଭକ୍ତ କୋରାପୁଟର ଲକ୍ଷାଧିକ କର୍ମୀ ଯୋଗଦେବେ। ଅବିଭକ୍ତ କୋରାପୁଟ ଜିଲା ପ୍ରତି ଗାନ୍ଧୀ ପରିବାରର ଅବଦାନ ରହିଛି । ନାଲକୋ, ହାଲ୍‌ଠାରୁ ଆରମ୍ଭ କରି ଅବିଭକ୍ତ କୋରାପୁଟରେ ଯେତିକି ଜଳ ବିଦ୍ୟୁତ ପ୍ରକଳ୍ପ ରହିଛି, ସେ ସବୁ କଂଗ୍ରେସ ଅମଳରେ ହୋଇଛି । କଂଗ୍ରେସ ସରକାର ଆସିଲେ ଧାନ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୨୬ ଶହ ଟଙ୍କା କରିବା ସହ ୨ ଲକ୍ଷ ଟଙ୍କା ଯାଏଁ ଋଣ ଛାଡ ସହ ବେକାରୀଙ୍କୁ ଭତ୍ତା ବ୍ୟବସ୍ଥା କରିବ ଦଳ। ବେକାରୀଙ୍କୁ ନିଯୁକ୍ତି ଦେବାରେ ବିଜେଡି ଓ ଭାଜପା ସରକାର ବିଫଳ ହୋଇଛନ୍ତି। ଜୟପୁର ସମାବେଶରେ ବେକାରୀ ଓ ଶିଳ୍ପ ପାଇଁ ରାହୁଲ ଗାନ୍ଧି କିଛି ଘୋଷଣା କରିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ବୈଠକ ସ୍ଥଳ ନିର୍ଦ୍ଧାରଣ ପାଇଁ ଏକମ୍ବା ପଞ୍ଚାୟତ ବାଙ୍କବିଜ ପଡିଆ, ରଣ୍ଡାପାଲୀ ଗ୍ରାମ ପଡ଼ିଆ ଓ ବୋରିଗୁମ୍ମାରେ କରାଯିବା ନେଇ ଆଲୋଚନା କରାଯାଇଥିଲେ ମଧ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଭାନୁ ଦୋରା, ନିହାର ବିଷୋୟୀ, ବୁଲୁ ସାହୁ, ରମେଶ ପାତ୍ର, ମନୋହର ବିଷୋୟୀ, ରାମପ୍ରସାଦ ପାଢ଼ୀ, ନରେନ୍ଦ୍ର ମହାନ୍ତ, ନଳିନୀ ଖେମୁଣ୍ଡୁ, ପ୍ରଫୁଲ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ମୃତିଶକ୍ତି ଫେରିପାଇଲେ ଷ୍ଟେହୋମ୍‌ରେ ଥିବା ରୁବି

## ■ ପରିବାର ଲୋକଙ୍କୁ ହସ୍ତାନ୍ତର କରିବ ଜିଲା ଶିଶୁ ମଙ୍ଗଳ କମିଟି

କୋରାପୁଟ,୧।୩(ସ୍ୱ.ପ୍ର.)

୩ ବର୍ଷ ତଳେ ମାନସିକ ବିକାରଗସ୍ତ ଥାଇ କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ବୁଲୁଥିବା ରୁବି ନିଜ ପୂର୍ବସ୍ମୃତି ଫେରି ପାଇବା ପରେ ଗ୍ରାମ ଯିବାକୁ ମନ ବଳାଇଛନ୍ତି। ସେ ଅସହାୟ ଭାବେ ଘୂରି ବୁଲୁଥିବା ବେଳେ ୨୦୧୬ ଅଗଷ୍ଟ ୧୬ରେ ଜିଲା ଶିଶୁ ମଙ୍ଗଳ କମିଟି ତାଙ୍କୁ ଉଦ୍ଧାର କରିଥିଲା। ପରେ ଚିକିତ୍ସା କରାଯାଇ ତାଙ୍କୁ ସ୍ଥାନୀୟ ଷ୍ଟେ ହୋମରେ ରଖାଯାଇଥିଲା । ବର୍ତ୍ତମାନ ତାଙ୍କର ସ୍ମୃତିଶକ୍ତି ଫେରି ଆସିବା ପରେ ସେ ନିଜ ପରିଚୟ ଦେଇଛନ୍ତି। ବିହାର ଭୋଜପୁର ଅଞ୍ଚଳର ଶେହେନ ଗ୍ରାମର ରାମଜି ରାଓଙ୍କ ଝିଅ ହେଉଛନ୍ତି ରୁବି। ରାମ୍‌ଜୀଙ୍କ ପ୍ରଥମ ସ୍ତ୍ରୀ ଦଶମନ୍ତ ଦେବୀଙ୍କ ୩ଟି ସନ୍ତାନ ରହିଥିଲା। ରୁବି ସେମାନଙ୍କ ମଧ୍ୟରୁ ଜଣେ। କୌଣସି କାରଣରୁ ଦଶମନ୍ତ ଦେବୀଙ୍କ ମୃତ୍ୟୁ ହେବା ପରେ ରାମ୍‌ଜୀ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥିଲେ।



ଜିଲା ଶିଶୁ ମଙ୍ଗଳ କମିଟି ସହ ରୁବି।

ଦ୍ୱିତୀୟ ସ୍ତ୍ରୀ ରୁବିଙ୍କୁ ଭୋଜପୁର ଜିଲାର ଗଡଭାନି ଥାନା ସାହେବୀ ଗ୍ରାମର ଚିକଣ ରାମଙ୍କ ସହ ବିବାହ କରାଇ ଦେଇଥିଲେ। ବିବାହର ଗୋଟିଏ ବର୍ଷ ପରେ ରୁବି କନ୍ୟା ସନ୍ତାନର ମା’ ହେବା ପରେ ହଠାତ୍ ମାନସିକ ବିକାରଗସ୍ତ ହୋଇପଡ଼ିଥିଲେ ଓ ଘର ଛାଡ଼ି ଚାଲିଆସିଥିଲେ । କୋରାପୁଟ ଶିଶୁ ମଙ୍ଗଳ କମିଟି ଦ୍ୱାରା ଉଦ୍ଧାର ହେବା ପରେ ସେବେଠାରୁ କମିଟି ହେପାଜତରେ ରହିଆସୁଥିଲେ ରୁବି। ଏବେ ତାଙ୍କର ସ୍ମୃତିଶକ୍ତି ଫେରିବା ପରେ ରୁବିଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରାଯାଇଥିଲା । ଅତିଶୀଘ୍ର ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ବି. ଗ୍ରାୟତ୍ରୀ ଦେବୀ ଶୁକ୍ରବାର କହିଛନ୍ତି।

# ଲଜ୍‌ରୁ ମିଳିଲା ଗଳିତ ମୃତଦେହ

ଜୟପୁର,୧।୩(ଡି.ଏନ୍.ଏ.)

ଜୟପୁର ଟାଉନଥାନା ନିକଟସ୍ଥ ମନୋରମା ନାମକ ଏକ ଲଜ୍‌ରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ହେଲେ ନବରଙ୍ଗପୁର ଥାନା ତେନ୍ତୁଳିଖୁଣ୍ଟି ଥାନା ଦହଣା ଗ୍ରାମର କାଳିପ୍ରସାଦ ମିଶ୍ର (୪୭) । ଶ୍ୱଶୁର ଘର ରାୟଗଡ଼ା ଜିଲା କାଶୀପୁରରୁ ଫେରିବା ପରେ କାଳିପ୍ରସାଦ ଗତ ମଙ୍ଗଳବାର ଉକ୍ତ ଲଜ୍‌ର ୧୧୮ ନମ୍ବର ରୁମ୍‌ରେ ରହିଥିଲେ। କିନ୍ତୁ ଗୁରୁବାର ରାତିରୁ ଉକ୍ତ କକ୍ଷ ଭିତରୁ ଦୁର୍ଗନ୍ଧ ବାହାରିଥିଲା । ଲଜ୍ ମାଲିକ ଓ କର୍ମଚାରୀଙ୍କ ସନ୍ଦେହ ହେବା ଯୋଗୁଁ ସେମାନେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଶୁକ୍ରବାର ପୂର୍ବାହ୍ନରେ ଲଜ୍‌ରେ ପହଞ୍ଚି ଉକ୍ତ କୋଠରିର କବାଟ ଭାଙ୍ଗିବା ସହ ଭିତରୁ ମୃତଦେହ ଉଦ୍ଧାର କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଷ ପିଇ କାଳିପ୍ରସାଦଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

# ଚିକିତ୍ସା ପାଇଁ ୪୮ ହୃଦ୍‌ରୋଗୀଙ୍କୁ ରାଜଧାନୀ ପଠାଗଲା

କୋରାପୁଟ,୧।୩(ସ୍ୱ.ପ୍ର.)

ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଚିକିତ୍ସା ପାଇଁ କୋରାପୁଟରୁ ୪୮ ଜଣ ହୃଦ୍‌ରୋଗୀଙ୍କୁ ଶୁକ୍ରବାର ବସ୍ ଯୋଗେ ଭୁବନେଶ୍ୱର ସ୍ଥିତ ହସ୍‌ପିଟାଲକୁ ପଠାଯାଇଛି । କୋରାପୁଟ ଜିଲା ସ୍ୱାସ୍ଥ୍ୟ ବିଭାଗର ଏଡିଏମ୍‌ଓ (ପରିବାର କଲ୍ୟାଣ) ଡାକ୍ତର ଅରୁଣ କୁମାର ପାଢ଼ୀ, ଏଡିପିଏଚ୍‌ଓ (ଭିଭିଡି) ସୁଶାନ୍ତ ଦାସ, ଡାକ୍ତର ଏସ୍. ନାୟକ, ଡିପିଏସ୍ ଶୁଭକାନ୍ତ ଗନ୍ତାୟତ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଜିଲା ମ୍ୟାନେଜକ ବିଭୁରଞ୍ଜନ ମୁଣ୍ଡ ଓ ସମସ୍ତ ଡିଆଇସି କର୍ମଚାରୀଙ୍କ ଉପସ୍ଥିତିରେ ୨ଟି ବସ୍ ହୃଦ୍‌ରୋଗୀଙ୍କୁ ନେଇ ରାଜଧାନୀ ଗସ୍ତ କରିଛି। ସେଠାରେ ସତ୍ୟସାଇ ହସ୍‌ପିଟାଲରେ ସେମାନଙ୍କର ହୃଦରୋଗ ଅପରେସନ କରାଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ଗୁଜୁରାଟର ଅହମ୍ମଦାବାଦରେ ସେମାନଙ୍କ ଅସ୍ତ୍ରୋପଚାର କରାଯିବ ବୋଲି ବିଭାଗୀୟ କମ୍ପ୍ୟୁଟର ଅପରେଟର ଦିଲ୍ଲିପ ମିଶ୍ର ସୂଚନା ଦେଇଛନ୍ତି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ:ହତ୍ୟା ଅଭିଯୋଗ

ସେମିଳିଗୁଡ଼ା,୧।୩(ସ୍ୱ.ପ୍ର.)

କୋରାପୁଟ ଜିଲା ନନ୍ଦପୁର ରୋଡ୍ କାଜୁ ଫାକ୍ଟ୍ରି ସମ୍ମୁଖରେ ରହୁଥିବା ଅରୁଣ ଡାଙ୍ଗୁଆଙ୍କ ପୁଅ ରାହୁଲଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସୋମବାର ରାତିରେ ସେ ଟିଭିଏସ୍ ୫୦ ଗାଡ଼ି ନେଇ ଘରୁ ବାହାରି ଯାଇଥିଲେ ସୁଦ୍ଧା ଆଉ ନ ଫେରିବାରୁ ଘରଲୋକେ ଖୋଜାଖୋଜି କରି ମଧ୍ୟ ପାଇ ନଥିଲେ। ଏହାପରେ ସେମାନେ ୨୬ ତାରିଖ ସକାଳେ ସେମିଳିଗୁଡ଼ା ଥାନାରେ ଏତଲା ଦେଇଥିଲେ। ତେବେ ମଙ୍ଗଳବାର ଟିମ୍ପର ବ୍ରିଜ୍ ଉପରେ ଟିଭିଏସ୍ ଗାଡ଼ି ଥିବା ଘାଟଗୁଡ଼ା ଗାଁଲୋକେ ଖବର ଦେବା ପରେ ପୋଲିସ ଗାଡ଼ି ଜବତ କରିଥିଲା। ବୁଧବାର ଦିନ ୧୧ଟାରେ ଖବର ମିଳିଥିଲା ଯେ ଜଣେ ବ୍ୟକ୍ତିଙ୍କ ମୃତଦେହ ପାଣିରେ ଭାସୁଛି। ତାହା ନିଖୋଜ ରାହୁଲଙ୍କ ମୃତଦେହ ବୋଲି ଚିହ୍ନଟ ହେବା ପରେ ସୁନାବେଡ଼ା ପୋଲିସ ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଇଥିଲା। ଏନେଇ କେସ୍ ନଂ ୨୭/୨୦୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ ହୋଇଛି। ରାହୁଲଙ୍କୁ ହତ୍ୟାକରି ଫିଙ୍ଗି ଦିଆଯାଇଛି ବୋଲି ତାଙ୍କ ବାପା ଅଭିଯୋଗ ଆଣିଛନ୍ତି।

# ଗାତରେ ପଡ଼ି ଯୁବକ ଗୁରୁତର

ଦଶମନ୍ତପୁର,୧।୩(ଡି.ଏନ୍.ଏ.)

ଦଶମନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଏକ ୧୭ ଫୁଟ ଗାତରେ ପଡ଼ି ଜଣେ ଯୁବକ ଗୁରୁତର ହୋଇଛନ୍ତି। ନିଶାସକ୍ତ ଅବସ୍ଥାରେ ସେ ପାଚେରି ଡେଇଁବା ବେଳେ ସେ ଗାତରେ ପଡ଼ିଯାଇଥିଲେ। ଅଗ୍ନିଶମ ବିଭାଗ ଆର୍.ଏସ୍. ନାୟକଙ୍କ ନେତୃତ୍ୱରେ ତାଙ୍କୁ ଉଦ୍ଧାର କରିବା ପରେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ■ ଖବରଦାତା ସମ୍ମିଳନୀରେ ମତ ରଖିଲେ ଲୋକ ପ୍ରତିନିଧି

# ନବରଙ୍ଗପୁର ଆସନରୁ ବେଦବ୍ୟାସ ଆଶାୟୀ

ନବରଙ୍ଗପୁର,୧।୩(ବି.ପ୍ର.)

ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ କରିବାକୁ ସଦର ବ୍ଲକ ବିଜେଡି ସଭାପତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ବେଦବ୍ୟାସ ଭତ୍ରାଙ୍କ ପାଇଁ ଦାବି ହୋଇଛି। ସୌରା ସାହି କଲ୍ୟାଣ ମଣ୍ଡପରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନ୍ୟ କେତେଜଣ ଲୋକ ପ୍ରତିନିଧି ଏହାକୁ ସମର୍ଥନ କରିଛନ୍ତି। କିଛି ଦିନ ତଳେ ବେଦବ୍ୟାସଙ୍କ ସମେତ ଅନ୍ୟ କେତେକ ଦଳୀୟ କର୍ମୀ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ସେହି ସମୟରେ ବେଦବ୍ୟାସଙ୍କୁ ଦଳରୁ ବିଧାୟକ ପ୍ରାର୍ଥୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ବୋଲି ଜିଲା ବିଜେଡି ସମ୍ପାଦକ ରବି ପଟ୍ଟନାୟକ କହିଥିଲେ। ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳିରେ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ହେଉଛି। ଧଣ୍ଡ୍ରା ସରପଞ୍ଚ ବୃନ୍ଦାବନ ନାୟକ, ଜିଲା ସରପଞ୍ଚ ସଂଘ ସମ୍ପାଦକ ମଧୁ ଭତ୍ରା, ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷ ସନ୍ୟାସୀ ସୌରା, ନବରଙ୍ଗପୁର ବ୍ଲକ ଅଧ୍ୟକ୍ଷା ହୀରାମଣି ପୂଜାରୀ, ନନ୍ଦାହାଣ୍ଡି ଜିଲା ପରିଷଦ ସଭ୍ୟା ମମତା ଭତ୍ରା, ନବରଙ୍ଗପୁର ବ୍ଲକ ବିଜେଡି ସଭାପତି ଡମ୍ବୁ ହରିଜନ, ଜିଲା ସଂଖ୍ୟା ଲଘୁ ସଭାପତି ସୁଧୀର ପାତ୍ର ବେଦବ୍ୟାସଙ୍କୁ ସମର୍ଥନ ଜଣାଇଛନ୍ତି। ଦଳ ପକ୍ଷରୁ ଟିକେଟ ନ ମିଳିଲେ କ’ଣ ପଦକ୍ଷେପ ନେବେ ବୋଲି ବେଦବ୍ୟାସଙ୍କୁ ପଚାରିବାରୁ ଦଳୀୟ ନେତା, କର୍ମୀ ଓ ଲୋକ ପ୍ରତିନିଧିଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେବି ବୋଲି କହିଛନ୍ତି।

# କଂଗ୍ରେସର ପରିବର୍ତ୍ତନ ସଂକଳ୍ପ ସମାବେଶ

## ■ କ୍ଷମତାକୁ ଆସିଲେ ଚାଷ, ନିଯୁକ୍ତି, ଆଦିବାସୀ ମାନ୍ୟତାକୁ ପ୍ରାଥମିକତା ଦେବ ଦଳ

ପଟ୍ଟାଙ୍ଗି,୧।୩(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ କଂଗ୍ରେସ ଜୋନ-୧ ସଭାପତି ନୃସିଂହନାଥ ବେହେରାଙ୍କ ନେତୃତ୍ୱରେ ପୁକାଲି ପଞ୍ଚାୟତରେ ପରିବର୍ତ୍ତନ ସଂକଳ୍ପ ସମାବେଶ ଆୟୋଜିତ ହୋଇଛି। ଏଥିରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ବିଜେଡି ସରକାର ନିର୍ବାଚନକୁ ଦୃଷ୍ଟିରେ ରଖି ଆରମ୍ଭ କରିଥିବା କାଳିଆ, ପିଠା, ବିଜୁ ଯୁବ ବାହିନୀ ଭଳି କାର୍ଯ୍ୟକ୍ରମକୁ ସମାଲୋଚନା କରିଛନ୍ତି। ଯେଉଁ ସରକାର ଚାଷୀଙ୍କ ଦୁଃଖ ବୁଝୁନାହାନ୍ତି, ଗାଁକୁ ରାସ୍ତା କରିପାରୁ ନାହାନ୍ତି କି ଶିକ୍ଷିତ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେଇପାରୁ ନାହାନ୍ତି, ସାଧାରଣ ଜନତା ୨୦୧୯ ନିର୍ବାଚନରେ ତାହାର ଜବାବ ଦେଇ କଂଗ୍ରେସକୁ କ୍ଷମତାକୁ ଆଣିବା ପାଇଁ ସେ ଆହ୍ୱାନ ଦେଇଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ଚାଷୀଙ୍କ ସମସ୍ୟା ସମାଧାନ ସହ ଶିକ୍ଷିତ ଯୁବତୀ ଯୁବକଙ୍କୁ ଥଇଥାନ ଏବଂ ଦୋରା, କୁମ୍ଭାର, ରଣା ସମେତ ବିଭିନ୍ନ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଆସନ୍ତା ୮ ତାରିଖ ଜୟପୁରରେ ହେବାକୁ ଥିବା ମହାସମାବେଶରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ରାଜ୍ୟ କଂଗ୍ରେସ ସମ୍ପାଦକ ଦୁର୍ଗା ଶଙ୍କର ସାହୁ, ଜିଲା ଉପସଭାପତି ଅଜିତ ସାମନ୍ତରାୟ, ପୂର୍ବତନ ବିଧାୟିକା ଚନ୍ଦ୍ରମା ସାନ୍ତା, ରାଜ୍ୟ ମହିଳା ଉପ ସଭାନେତ୍ରୀ ରତ୍ନମଣି ଉଲାକା, କୃଷକ ସେଲ ସଭାପତି କୃଷ୍ଣ ନେପାକ, ଜିଲା ଓବିସି ଅଧ୍ୟକ୍ଷ ବ୍ରଜ ନାଗ, ଯୁବ କଂଗ୍ରେସ ସଭାପତି ଗୁପ୍ତ ଶଙ୍କର ପଟ୍ଟନାୟକ, ବିଭିନ୍ନ ବ୍ଲକ ଜୋନର ଶୁକ୍ରା ଖରା, ପଡାସେଠୀ ଆପାରାଓ, ଶ୍ୟାମସୁନ୍ଦର ମହାନ୍ତି, କାମେଶ କାମଡି, ଗୋପାଳ ମାଟାମ, ଜଗତ ରାୟ ଖିନବୁଡି, ସନିଆ ମାଝି ଉପସ୍ଥିତ ଥିଲେ। ସମ୍ଭାଇ ସରପଞ୍ଚ ପିଲକ ଗୁଣ୍ଡାଙ୍କ ନେତୃତ୍ୱରେ ଆନ୍ଧ୍ର ସୀମାନ୍ତ ସୁନାବେଡ଼ା ଗ୍ରାମର ଶତାଧିକ ବିଜେଡି ସମର୍ଥକ କଂଗ୍ରେସରେ ଯୋଗ ଦେଇଥିଲେ।



ପରିବର୍ତ୍ତନ ସଂକଳ୍ପ ସମାବେଶରେ ବିଧାୟକ ଓ ଅନ୍ୟମାନେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
Toll Free -1800-120-3430
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିଲ ସୁଫି
9540938429
9903852257

TARIFF
MORE SPACE • SAME PRICE
*GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଡିଜିଟାଲ ଉପକରଣ -କମ୍ପାନୀ-
SMS JOB
7520206361
7061764396

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମହୁମାଛି ଅନେକ ପରିଶ୍ରମ କରି ମହୁ ସଂଗ୍ରହ କରେ। କିନ୍ତୁ ଲୋକେ ଆସି ଫେଣାଭାଙ୍ଗି ମହୁ ନେଇଯାଆନ୍ତି। ଭୋଗ ନ କରି ବା ଦାନ ନ ଦେଇ ବହୁ କଷ୍ଟରେ ଧନ ସଞ୍ଚୟ କଲେ ଠିକ୍ ଏହିପରି ଅବସ୍ଥା ଘଟେ। - ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଚାଉଳ ଯୋଗାଣରେ ଅନିୟମିତତା

#### ଯୋଗାଣ ନିରୀକ୍ଷକଙ୍କ ହସ୍ତକ୍ଷେପ ପରେ ମୁକୁଳିଲେ ଜିଆରଏସ

ଚନ୍ଦ୍ରପୁର, ୧।୩(ଡ଼ି.ଏନ.ଏ):ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଝୁରୀଗୁଡ଼ା ପଞ୍ଚାୟତରେ ଚାଉଳ ବଣ୍ଟନରେ ଅନିୟମିତତା ଅଭିଯୋଗ କରି ଗ୍ରାମବାସୀ ଗୁରୁବାର ଜିଆରଏସ ଚନ୍ଦ୍ରଶେଖର ସାହୁଙ୍କୁ ତାଲା ପକାଇ ରଖିଥିଲେ । ଖବରପାଇ ଚନ୍ଦ୍ରପୁର ବ୍ଲକର ଯୋଗାଣ ନିରୀକ୍ଷକ ମାନସ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ । ପରେ ଗ୍ରାମବାସୀ ଜିଆରଏସ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଛାଡ଼ିଥିଲେ । ଏ ସମ୍ପର୍କରେ ଟୁରିଗୁଡ଼ା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଧାମୋହନ ଗୌଡ଼ଙ୍କୁ ପଚାରିବାରୁ, ଯେଉଁ ହିତାଧିକାରୀମାନେ ଚାଉଳ ପାଇ ନାହାନ୍ତି, ସେମାନଙ୍କୁ ସାତ ଦିନ ମଧ୍ୟରେ ଦିଆଯିବ ବୋଲି କହିଛନ୍ତି ।

### ଗୁଡ଼ାରୀ ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା



ଗୁଡାରୀ, ୧।୩(ଡି.ଏନ୍.ଏ.): ଗୁଡାରୀ ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ଚାନ୍ଦିଲିଗୁଡାସ୍ଥିତ ଆମ୍ବତୋଟାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଲ୍ୟାମ୍ପ ସଭାପତି ବିଶ୍ୱନାଥ ଶବରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଲ୍ୟାମ୍ପସ ଶାଖା ପରିଚାଳକ ଦେବରାଜ ପତି ଗତ ଆର୍ଥିକ ବର୍ଷର ଆୟ ବ୍ୟୟ ପାଠ କରିଥିଲେ । ଏହାଛଡା ଚଳିତ ବର୍ଷରେ ଲ୍ୟାମ୍ପସ୍ ତରଫରୁ କିପରି ଅଧିକ ଆୟ ହେବ ଏବଂ ଚାଷୀ ସୁବିଧା ପାଇବେ ସେଥିପ୍ରତି ଗୁରୁତ୍ୱ ଦିଆଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା । ଗୁଣପୁର କେସିସି ବ୍ୟାଙ୍କ ସୁପରଭାଇଜର ବାମଦେବ ପଟ୍ଟନାୟକ ଆର୍ଥିକ କାରବାର ସମ୍ପର୍କରେ କହିଥିଲେ । ଗଙ୍ଗାଧର ଚାଲାଣ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ସମସ୍ୟା ଏବଂ ଲ୍ୟାମ୍ପସ ତରଫରୁ ଏହାର ସମାଧାନ ସମ୍ପର୍କରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କେ. ମାଝି, ଡୋକି କାନ୍ତାରାଓ, ଲ୍ୟାମ୍ପସର ସଦସ୍ୟ, ସ୍ଥାନୀୟ ଜନତା ଏବଂ ଲ୍ୟାମ୍ପସ କର୍ମଚାରୀ ଉପସ୍ଥିତ ଥିଲେ ।

### ବାଇକ୍ ଧକ୍କାରେ ବୃଦ୍ଧା ଗୁରୁତର

ଦିଗପହଣ୍ଡି, ୧।୩(ଡି.ଏନ.ଏ.):ଦିଗପହଣ୍ଡି-ତପ୍ତପାଣି ମୁଖ୍ୟରାସ୍ତା ପୋଡ଼ାମାରି ବନ ବିଭାଗ ତନଖି ଫାଟକ ନିକଟରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ହେଲେ ପୋଡ଼ାମାରି ଗ୍ରାମ ମୁନି ସାହିର ଗୋଲାପି ବେହେରା।

■ ରାୟଗଡ଼ା ପଞ୍ଚାୟତ ସମିତି ବୈଠକ

# ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ନେଇ ଆଲୋଚନା

ରାୟଗଡା ଅଫିସ୍, ୧।୩



ବୈଠକରେ ଉପସ୍ଥିତ ଜନପ୍ରତିନିଧିମାନେ ।

ରାୟଗଡା ବ୍ଲକ୍ ସଦ୍‌ଭାବନା ଗୃହରେ ରାୟଗଡ଼ା ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ପେଦେଣ୍ଟି ରାମୁଲୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପାଧକ୍ଷା ମିନତି ବାଚେଲି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମାଝି, ଏବିଡିଓ ନୃସିଂହଚରଣ ପଟ୍ଟନାୟକ, ସହକାରୀଯନ୍ତ୍ରୀ ଏସ୍.କେ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଅମ୍ବିକା ବିଡିକା, ପି.ଗୌରୀ ଶଙ୍କର ଓ ଗଙ୍ଗାଧର ପୁଆଲା ମଞ୍ଚାସୀନ ଥିଲେ । ପ୍ରଥମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଝି ସମସ୍ତ ସଭ୍ୟଙ୍କୁ ସ୍ୱାଗତ ଜଣାଇଥିଲେ । ଅଳ୍ପଦିନ ମଧ୍ୟରେ ଆଦର୍ଶ ଆଚରଣବିଧି ଘୋଷଣା ହେବାକୁ ଥିବାରୁ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର କାର୍ଯ୍ୟାଦେଶ ବଣ୍ଟନ ନିମନ୍ତେ ସରପଞ୍ଚମାନଙ୍କୁ ଅନୁରୋଧ କରିଥିଲେ । ଦୀର୍ଘଦିନ ଧରି ଗ୍ରାମ ପଞ୍ଚାୟତ ତରଫରୁ ସୋଲାର ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ଓରେଡା ନିକଟରେ ଅଗ୍ରିମ ଅର୍ଥ ପୈଠ କରାଯାଇଛି । ହେଲେ ଓରେଡା ତରଫରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସରପଞ୍ଚ, ହାଲୁଆ ସମିତି ସଭ୍ୟ ପ୍ରଶ୍ନ ଉଠାଇଥିଲେ । ଏତଦ୍‌ବ୍ୟତୀତ ପାନୀୟ ଜଳ, ପରିମଳ, ସ୍ୱାସ୍ଥ୍ୟ, ଜଳସେଚନ, ଜଳଛାୟା, ସାଧାରଣ ବଣ୍ଟନ, ବିଜୁଳି, ଶିକ୍ଷା, ସାମାଜିକ ସୁରକ୍ଷା ଆଦି ଯୋଜନା ବିଷୟରେ ଗଠନମୂଳକ ଆଲୋଚନା ହୋଇଥିଲା । ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଏଥିରେ ସମସ୍ତ ୨୮ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ତଥା ବ୍ଲକ୍‌ସ୍ତରୀୟ ବିଭିନ୍ନ ସରକାରୀ ବିଭାଗର କର୍ମକର୍ତ୍ତା, ବ୍ଲକ୍‌ର ସମସ୍ତ ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ ।

■କାର୍ଯ୍ୟାଦେଶ ବଣ୍ଟନ ନିମନ୍ତେ ସରପଞ୍ଚମାନଙ୍କୁ ଅନୁରୋଧ
■ସୋଲାର ଜଳଯୋଗାଣ ପ୍ରକଳ୍ପ ନେଇ ନିଆଯାଉନି ପଦକ୍ଷେପ

■ ଘଣ୍ଟିଖାଲ ହତ୍ୟା ଉଦ୍ୟମ ମାମଲା

# ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ

ଗୁଣପୁର, ୧।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଏଡିଜେ କୋର୍ଟରେ ଗୁରୁବାର ଏକ ହତ୍ୟା ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି । ଏଡିଜେ ନିଶିଥ ନିଶଙ୍କ ଅଭିଯୁକ୍ତ ଭରତ ହୁଇକାଙ୍କୁ ୫ ବର୍ଷଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨୦୧୭ ମାର୍ଚ୍ଚ ୨୦ ତାରିଖରେ ବିଷମକଟକ ଥାନା ଅଧୀନ ଘଣ୍ଟିଖାଲ ଗ୍ରାମରେ ସାଦୁ ହୁଇକାଙ୍କୁ ଭରତ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଏନେଇ ସାଦୁଙ୍କ ଭାଇ ଡିଉ ହୁଇକା ବିଷମକଟକ ଥାନାରେ ଅଭିଯୋଗ କରିଥିଲେ । ପୋଲିସ କେସ ନଂ. ୧୪/୨୦୧୭, ଦଫା ୩୦୭ ଏବଂ ୩୨୬ରେ ମାମଲା ରୁଜୁ କରିଥିଲା । ଘଟଣାର ପରଦିନ ପୋଲିସ ଅଭିଯୁକ୍ତ ଭରତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲା ଗୁଣପୁର ଏଡିଜେଙ୍କ କୋର୍ଟରେ ବିଚାର ହୋଇଥିଲା । ବିଚାର ସମୟରେ ୧୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଦଫା ୩୦୭ରେ ୫ ବର୍ଷଜେଲ ଦଣ୍ଡ ସହ ୫ ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅନାଦେୟ ଅଧିକା ୧ ବର୍ଷଜେଲ ଦଣ୍ଡ ଭୋଗିବେ । ସେହିପରି ଦଫା ୩୨୬ରେ ୫ ବର୍ଷଜେଲ ଦଣ୍ଡ ସହ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଥିଲେ । ଜରିମାନା ଅନାଦେୟ ଅଧିକା ୧ ବର୍ଷଜେଲ ଦଣ୍ଡ ଭୋଗିବେ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଉଭୟ ଦଣ୍ଡ ଏକକାଳୀନ ଭୋଗିବେ ବୋଲି ଏଡିଜେ ରାୟ ପ୍ରକାଶ କରିଛନ୍ତି। ରାୟ ପ୍ରକାଶ ପାଇବା ପରେ ଅଭିଯୁକ୍ତ ଭରତଙ୍କୁ ଗୁଣପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଗଦାଧର ପଣ୍ଡା ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ଜି.ଟି. କୁମାର ମାମଲା ପରିଚାଳନା କରିଥିଲେ ।

■ ଗୁଣି ଗାରେଡ଼ି ସନ୍ଦେହରେ ୩ ଜଣଙ୍କୁ ହତ୍ୟା ଘଟଣା

# ୯ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଗୁଣପୁର, ୧।୩(ଡି.ଏନ.ଏ)



ଅଭିଯୁକ୍ତଙ୍କୁ ଗୁଣପୁର କୋର୍ଟକୁ ନିଆଯାଉଛି ।

ଗୁଣି ଗାରେଡି ସନ୍ଦେହରେ ରାୟଗଡା ଜିଲା ରାମନାଗୁଡା ବ୍ଲକର ଉକୁମ୍ବା ପଞ୍ଚାୟତ ଉକୁମ୍ବାଗୁଡା ଗ୍ରାମରେ ୩ ଜଣଙ୍କୁ ହତ୍ୟା କରାଯିବା ଘଟଣାରେ ଗିରଫ ହୋଇଥିବା ୯ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ପରେ ଏସଡିଜେଏମ ଅରୁନ୍ଧତି ଆଚାର୍ଯ୍ୟ ଅଭିଯୁକ୍ତମାନଙ୍କୁ ଗୁଣପୁର ଜେଲ ହାଜତକୁ ପଠାଇ ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ଅଜିତ ଶବର, ତାଙ୍କ ଭାଇ ବାବୁଲା ଶବର, ଶଙ୍କର ଶବର, ତାଙ୍କ ଭାଇ ବୁଲୁ ଶବର,ରବି ଶବର, ମାଳତି ଶବର, ପୂନ୍ୟା ଶବର, ଫୁଲ ଶବର, କମଳଲୋଚନ ମାଣ୍ଡାଙ୍ଗି ।

ସୂଚନାଯୋଗ୍ୟ, ଗୁଣି ଗାରେଡ଼ି ସନ୍ଦେହରେ ଉକୁମ୍ବାଗୁଡା ଗ୍ରାମର ଗୋପାଳ ଶବର, ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଓ ଝାଙ୍କିଲି ଶବରଙ୍କୁ ଗାଁର ୩୦ରୁ ୪୦ ଜଣ ହତ୍ୟା କରିଥିବା ଗୋପାଳଙ୍କ ଝିଅ ସବିତା ଗତ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଏସଡିପିଓଙ୍କ ନେତୃତ୍ୱରେ ପୋଲିସ ଟିମ୍ ଓ ଏଏସ୍‌ପି ଗାଁକୁ ଯାଇ ତଦନ୍ତ କରିଥିଲେ। ଗୋପାଳଙ୍କ ୧୧ ବର୍ଷୀୟ ପୁଅ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଥିବାବେଳେ ତାଙ୍କ ବୟାନକୁ ଆଧାର କରି ପୋଲିସ ଏହାର ତଦନ୍ତ ଚଳାଇଥିଲା। ପୋଲିସ ପ୍ରଥମେ ବାବୁଲାଙ୍କୁ ଗିରଫ କରିଥିଲା । ପରେ ତାଙ୍କ ବୟାନକୁ ଭିତ୍ତିକରି ଅନ୍ୟମାନଙ୍କୁ ଗିରଫ କରିଥିଲା । ଗାଁ ଦାଣ୍ଡରେ ଥିବା ବାବୁ ଦେବତାଙ୍କ ସମ୍ମୁଖରେ ଏକ ବ୍ୟାଟ ସାହାଯ୍ୟରେ ଉକ୍ତ ୩ ଜଣଙ୍କୁ ହତ୍ୟା କରାଯାଇଥିଲା । ପରେ ମୃତଦେହକୁ ମଶାଣିରେ ପୋଡି ପ୍ରମାଣ ନଷ୍ଟ କରିବାକୁ ନାଳରେ ପାଉଁଶ ଏବଂ ଅସ୍ଥିକୁ ଭସାଇ ଦିଆଯାଇଥିଲା ବୋଲି ବାବୁଲା ପୋଲିସ ଆଗରେ କହିଥିଲେ । ଅନ୍ୟପକ୍ଷରେ ଗାଁର ରବି ଶବରଙ୍କ ବାପା ନୀଳାମ୍ବର ଶବର ଜ୍ୱରରେ ପୀଡିତ ହୋଇଥିଲେ । ବହୁତ ଚିକିତ୍ସା କରିବା ପରେ ତାଙ୍କର ଦେହ ଭଲ ହୋଇ ନ ଥିଲା । ଶେଷରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହା ଗୁଣି ଗାରେଡି ଯୋଗୁ ହୋଇଥିବା ସନ୍ଦେହ କରି ରବି ପ୍ରତିଶୋଧ ନେବା ପାଇଁ ସେମାନଙ୍କୁ ହତ୍ୟା କରିଥିବା କୁହାଯାଉଛି ।

## ଜୁପିଟର ଅନ୍ତର୍ଜାତୀୟ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର

ରାୟଗଡା ଅଫିସ୍, ୧।୩

ଜୁପିଟର ଅନ୍ତର୍ଜାତୀୟ ବିଦ୍ୟାଳୟରେ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷାବିତ୍ ପ୍ରଫେସର ଡା. ନରେନ୍ଦ୍ର କୁମାର ମିଶ୍ର ଯୋଗଦେଇ ଥିଲେ। ଅନୁଷ୍ଠାନର ଅଧକ୍ଷ ଡା. ଅଶୋକ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସେମାନେ ଡା. ମିଶ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସଙ୍ଗେ ସଙ୍ଗେ ତାଙ୍କ ଠାରୁ ଶିକ୍ଷାଦାନ ସମ୍ପର୍କିତ ବିଭିନ୍ନ ଉପାଦେୟ ଜ୍ଞାନ ଓ କୌଶଳ ଆହରଣ କରିଥିଲେ। ଏହିପରି ଶିକ୍ଷା ସମ୍ବଳିତ ଅଭିନବ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଅନୁଷ୍ଠାନର ନିର୍ଦ୍ଦେଶକ ଗୋବିନ୍ଦ ପ୍ରସାଦ ରଥ ରାୟଗଡା ଅଞ୍ଚଳରେ ପ୍ରଶଂସନୀୟ ହୋଇପାରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପରିଚାଳନା ସହାୟିକା ଅଙ୍କିତା ବିଶ୍ୱାସରାୟ ସଂଯୋଜନା କରିଥିବା ବେଳେ ଶିକ୍ଷକ ଶ୍ୟାମାପ୍ରସାଦ ପତି ଧନ୍ୟବାଦ ଦେଇଥିଲେ।




■ ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ

# ଆଦିବାସୀ ଏକତା ମଞ୍ଚ ତରଫରୁ ଆନ୍ଦୋଳନ



ସଂଘର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ମୁନିଗୁଡା, ୧।୩(ଡ଼ି.ଏନ.ଏ)

ଆଦିବାସୀମାନଙ୍କୁ ଜଙ୍ଗଲ ଜମିରୁ ହଟାଇବା ନେଇ ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ କରି ରାୟଗଡା ଜିଲା ମୁନିଗୁଡାଠାରେ ନିୟମଗିରି ସୁରକ୍ଷା ମଞ୍ଚ, ବହୁଜନ ସମାଜ ପାର୍ଟି ଓ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ନିୟମଗିରି ସୁରକ୍ଷା ସମିତି, ବିଏସପି କର୍ମୀଙ୍କ ସମେତ ଡଙ୍ଗରିଆ ମହିଳା ପୁରୁଷ ସ୍ଥାନୀୟ ମୁନିଖୋଲ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକତ୍ରିତ ହୋଇଥିଲେ । ପରେ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କ ଅନୁପସ୍ଥିତ ଯୋଗୁ ବ୍ଲକ ଆକାଉଣ୍ଟ ଅଫିସର ବିଜୟ କୁମାର ବେବର୍ତ୍ତାଙ୍କୁ ପ୍ରଦାନ କରିଥିଲେ। ୧୦ ଲକ୍ଷ ଆଦିବାସୀଙ୍କୁ ନିଜ ଜନ୍ମ ମାଟିରୁ ତଡିଦେବା ଲାଗି ସୁପ୍ରିମକୋର୍ଟ ରାୟକୁ ସ୍ଥଗିତ ଓ ପୁନଃ ବିଚାର କରିବାକୁ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ନିୟମଗିରି ସୁରକ୍ଷା ସମିତି ଆବାହକ ଲିଙ୍ଗରାଜ ଆଜାଦ, ଦଧି ପୁସିକ, କୃଷ୍ଣ ଚନ୍ଦ୍ର ସାଗରିଆ, ଜିତୁ ଜକେସିକ,ସରୋଜ କୁମାର ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ବାଲିଗୁଡା, ୧।୩(ଡି.ଏନ୍.ଏ.)

ହଳଦୀ ଖୋଳିବା ସମୟରେ ଭାଲୁ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ପାରଗଡ ପଞ୍ଚାୟତ ଜାର୍ଗିଗୁଡା ଗ୍ରାମର ଶିଶିର ରୁପାମାଝି। ତାଙ୍କୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଛି।

# ୧୭ ଦଫା ଦାବି ନେଇ ବିଡିଓଙ୍କୁ ସ୍ମାରକପତ୍ର

କୋଲନରା/ଜେକେପୁର, ୧।୩(ଡି.ଏନ୍.ଏ)



ସମ୍ମିଳନୀରେ ଯୋଗଦେଇଥିବା ସଂଘର କର୍ମକର୍ତ୍ତାମାନେ ।

ରାୟଗଡା ଜିଲା କୋଲନରା ବ୍ଲକ୍‌ରେ ୧୭ ଦଫା ଦାବି ନେଇ ପାଇକ, ଖଣ୍ଡାୟତ ଓ କ୍ଷେତ୍ରୀୟ ମହାସଂଘ ପକ୍ଷରୁ ଏକ ସ୍ମାରକପତ୍ର ବିଡ଼ିଓ ତାପସ ଭୋଇଙ୍କୁ ପ୍ରଦାନ କରାଯାଇଛି । ୧୭ଟି ପଞ୍ଚାୟତର ୫୦୦ ମହିଳା ପୁରୁଷ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏକତ୍ରିତ ହୋଇ ଏକ ରାଲିରେ ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହା ପରେ ସଂଘର ଏକ ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଦେଷ୍ଟା ନିରଞ୍ଜନ ନାୟକ, ଜୟରାମ ସ୍ୱାଇଁ, ନିରଞ୍ଜନ ପଣ୍ଡା, ମହାସଂଘ ସଭାପତି ଶତୃଘ୍ନ ବେହେରା, ମଣ୍ଡଳ ସଭାପତି ତ୍ରିନାଥ ପରିଚ୍ଛା, ଉପସଭାପତି ତାଉତୁ ଦଣ୍ଡସେନା, ଫାଲଗୁନି ନାୟକ, ଆନନ୍ଦ ପ୍ରଧାନ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ପାତ୍ର, ସମ୍ପାଦକ ଅଶୋକ ନାୟକ, ଯୁଗ୍ମ ସମ୍ପାଦକ ବିଦ୍ୟାଧର ପ୍ରଧାନ, କୋଷାଧକ୍ଷ କୁଶ ପ୍ରଧାନଙ୍କ ସମେତ ମହାସଂଘର ସମସ୍ତ ସଭ୍ୟ ଯୋଗଦେଇଥିଲେ । ଏହି ଅବସରରେ ମାଣ୍ଡିବିଶି ରାଜା ନାଥୁରାମ ସିଂହ ଓ ଖେଦାପଡା ରାଜା ପ୍ରତାପ ସିଂହ ଦେବଙ୍କୁ ସମ୍ମାନିତ କରାଯାଇଥିଲା । ରାୟଗଡା ଜିଲାର ସମସ୍ତ ବ୍ଲକ୍‌ର ଜାତି ଭାଇ ମାନଙ୍କର ଦୀର୍ଘଦିନରୁ ଚାଲି ଆସୁଥିବା ଅନେକ ସମସ୍ୟା ଓ ତାର ଉପଯୁକ୍ତ ସମାଧାନ ଏବଂ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ଉଦ୍ଦେଶ୍ୟରେ ଆଲୋଚନା କରାଯାଇଥିଲା ।

# ରାୟଗଡ଼ା କୋର୍ଟରେ ହାଜର ହେଲେ ସବ୍ୟସାଚୀ

ରାୟଗଡା ଅଫିସ୍, ୧।୩

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଶୁକ୍ରବାର ୨ଟି ମାମଲାରେ ରାୟଗଡା ସିଜେଏମ୍ କୋର୍ଟରେ ହାଜର ହୋଇଛନ୍ତି । ସିଜେଏମ୍ ଜ୍ଞାନେନ୍ଦ୍ର କୁମାର ବାରିକଙ୍କ ନିକଟରେ ହାଜର ପରେ ତାଙ୍କୁ ପୁନର୍ବାର ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି । ପଣ୍ଡାଙ୍କ ନାମରେ ଥିବା ୨ଟି ମାମଲାର ସାକ୍ଷ୍ୟଙ୍କ ବୟାନ ରେକର୍ଡ ପାଇଁ ସବ୍ୟସାଚୀଙ୍କୁ କଡା ସୁରକ୍ଷା ବଳୟ ମଧ୍ୟରେ ବ୍ରହ୍ମପୁରରୁ ଅଣାଯାଇ ଅଦାଲତରେ ହାଜର କରାଯାଇଥିଲା । ଗୋଟିଏ ମାମଲାରେ ଜଣେ ସାକ୍ଷ୍ୟ ଉପସ୍ଥିତ ରହି ନିଜର ବୟାନ ଦେଇଥିଲେ । ଓଏସ୍‌ଏପି କନଷ୍ଟେବଲଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା । ୨୦୦୨ରେ ଚାନ୍ଦିଲି ଥାନା ଅନ୍ତର୍ଗତ ଲିଙ୍ଗାଗୁଡା ଗାଁ ନିକଟରେ ପୋଲିସ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇଥିଲା । ଏହି ଘଟଣାରେ ସବ୍ୟସାଚୀଙ୍କ ସମ୍ପୃକ୍ତି ଥିବା ନେଇ ମାମଲା ରୁଜୁ ହୋଇଥିଲା । ଏଥିରେ ୧୯ଜଣ ସାକ୍ଷୀଙ୍କ ମଧ୍ୟରୁ ୭ଜଣ ସାକ୍ଷ୍ୟ ପ୍ରଦାନ କରିଥିବା ବେଳେ ଅନ୍ୟମାନେ କୋର୍ଟରେ ହାଜର ହୋଇନାହାନ୍ତି । ସେହିଭଳି ୨୦୦୨ରେ ଚାନ୍ଦିଲି ଥାନା ଅନ୍ତର୍ଗତ ଭୁଜବଳ ନିକଟରେ ଏକ କଲଭର୍ଟ ନିକଟରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା । ଉକ୍ତ ଘଟଣାରେ ମଧ ସବ୍ୟସାଚୀଙ୍କ ସମ୍ପୃକ୍ତି ଥିବାନେଇ ମାମଲା ରୁଜୁ କରାଯାଇଥିଲା । ଏହି ଘଟଣାରେ ୩୪ ଜଣଙ୍କ ମଧ୍ୟରୁ ୧୨ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଛି । ବଳକା ସାକ୍ଷୀ ହାଜର ହୋଇନାହାନ୍ତି । ସରକାରୀ ଓକିଲ ଭାବେ ରାମପ୍ରସାଦ ପାତ୍ର ଓ ସବ୍ୟସାଚୀଙ୍କ ଓକିଲ ମଙ୍ଗଳମୂର୍ତ୍ତି ବେଉରିଆ ମାମଲା ପରିଚାଳନା କରୁଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ପୁରୁଣା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add.: T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
A to Z ସମସ୍ୟାର ସମାଧାନ ଘରେ ବସି।
ବାବା ଆମିଲ ସୁଫି
9540938429
9903852257

TARIFF
MORE SPACE • SAME PRICE
GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ SMS କପି କରି ଘରୁ ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା SMS କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।